بسم الله الرحمٰن الرحيم

**ଖୁତ୍‌ବା ଜୁମା ୪ ଜୁନ୍ ୨୦୨୧ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରେ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚାରେ, ସେ ଯୋଗ ଦେଇଥିବା ଯୁଦ୍ଧ ଓ ସରିୟା ସଂପର୍କରେ ଚର୍ଚ୍ଚା ଚାଲିଥିଲା । ହମ୍‌ରାଉଲ୍ ଅସଦ୍ ଯୁଦ୍ଧ ପ୍ରସଙ୍ଗରେ ଏହା ଉଲ୍ଲେଖ ରହିଛି ଯେ, ୱହୋଦ୍ ଯୁଦ୍ଧ ପରେ ରସୁଲ୍ କରୀମ୍ ସ.ଅ ମଦିନାକୁ ଫେରି ଆସିଥିଲେ ଏବଂ ମକ୍କାର ଅବିଶ୍ୱାସକାରୀଙ୍କ ଅଭିମୁଖେ ବାହାରିଥିଲେ । ଉକ୍ତ ଯୁଦ୍ଧ ସଂପର୍କରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଯାହା ଉଲ୍ଲେଖ କରିଥିଲେ ତାହାର କେତେକାଂଶ ମୁଁ ଏଠାରେ ବର୍ଣ୍ଣନା କରି ଦେଉଅଛି । କୁରୈଶ୍‌ର ଅଧିପତିମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା ଯେ, ସେମାନେ ଉକ୍ତ ଅବସରରୁ ଲାଭବାନ ହେବା ସଙ୍ଗେସଙ୍ଗେ ମଦିନା ଉପରେ ଆକ୍ରମଣ କରି ଦିଆଯାଉ । ଅନ୍ୟ ଏକ ହଦିସ୍‌ରେ ଏହା ମଧ୍ୟ ବର୍ଣ୍ଣିତ ରହିଛି ଯେ, ଏକ ସ୍ଥାନରେ ଯେତେବେଳେ ରସୁଲ୍ କରୀମ ସ.ଅଙ୍କୁ କୁରୈଶ୍‌ର ଏହି ପ୍ରସ୍ତାବ ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ହ. ଅବୁ ବକ୍କର୍, ହ. ଉମର୍ ର.ଅଙ୍କୁ ଉକ୍ତ ପ୍ରସଙ୍ଗ ସଂପର୍କରେ ଅବଗତ କଲେ। ହ. ଅବୁ ବକ୍କର୍ ଓ ହ. ଉମର୍ ର.ଅ ଉଭୟ ଆଁହଜରତ ସ.ଅଙ୍କୁ ପରାମର୍ଶ ଦେଲେ ଯେ, ଶତ୍ରୁ ପକ୍ଷର ପିଛା କରିବା ଉଚିତ। କିନ୍ତୁ ପରିଶେଷରେ ଉତ୍ସାହିତ ଲୋକମାନଙ୍କର ପରାମର୍ଶ ବଳବତ୍ତର ହେଲା ଏବଂ ସେମାନେ ମଦିନା ଆଡ଼କୁ ଫେରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଆଁହଜ଼ରତ ସ.ଅଙ୍କୁ ଯେତେବେଳେ ଏହି ଘଟଣା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆଁହଜରତ ସ.ଅ ଶୀଘ୍ର ଘୋଷଣା କଲେ ଯେ, ମୁସଲମାନମାନେ ପ୍ରସ୍ତୁତ ହୋଇଯାଆନ୍ତୁ, ଏଥିସହ ଆଁହଜରତ ଏହା ମଧ୍ୟ ଆଦେଶ ଦେଲେ ଯେ, ଆମମାନଙ୍କ ସହିତ ସେହି ସାହାବାମାନେ ହିଁ ସାମିଲ ହେବେ ଯେଉଁମାନେ ୱହୋଦ୍ ଯୁଦ୍ଧରେ ସାମିଲ ହୋଇଥିଲେ, ଅନ୍ୟ କୌଣସି ସାହାବାମାନେ ଆମ ସହିତ ଯୁଦ୍ଧରେ ସାମିଲ ହେବେ ନାହିଁ । ଅତଏବ ୱହୋଦ୍‌ରୁ ଫେରିଥିବା ବୀର ମୁସଲମାନ ଯୋଦ୍ଧା, ଯେଉଁ ଯୋଦ୍ଧମାନଙ୍କ ମଧ୍ୟରେ ଅନେକ ସାହାବାମାନେ ଆହତ ହୋଇଥିଲେ ଏବଂ ସେମାନେ ନିଜ ହସ୍ତରେ ନିଜ କ୍ଷତାକ୍ତ ସ୍ଥାନକୁ ବାନ୍ଧି ନିଜର ମୁନୀବଙ୍କ ସାଥିରେ ଯୋଗ ଦେଇଥିଲେ । ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଉକ୍ତ ଅବସରରେ ମୁସଲମାନମାନେ ଏତେ ଆନନ୍ଦ ଓ ଉତ୍ସାହର ସହିତ ବାହାରିଲେ ଯେପରି କୌଣସି ବିଜୟମଣ୍ଡିତ ସୈନ୍ୟଦଳ ଶତ୍ରୁ ପକ୍ଷର ପଛେ ପଛେ ବାହାରି ଥାଏ । ଆଠ ମାଇଲ୍ ଦୂରତା ଅତିକ୍ରମ କରିବା ପରେ ଆଁହଜ଼ରତ ସ.ଅ ହମ୍‌ରାଉଲ୍ ଅସଦ୍‌ରେ ପହଞ୍ଚିଲେ । ବର୍ତ୍ତମାନ ଯଦିଓ ସନ୍ଧ୍ୟା ସମୟ ହୋଇ ଯାଇଥିଲା କିନ୍ତୁ ହୁଜୁର ସ.ଅ ସେହିଠାରେ ଶିବିର ଲଗାଇବା ପାଇଁ ଆଦେଶ ଦେଲେ ଏବଂ କହିଲେ ଯେ, ମଦିନାର ବିଭିନ୍ନ ସ୍ଥାନମାନଙ୍କରେ ଅଗ୍ନି ପ୍ରଜ୍ୱଳିତ କରିଦିଆଯାଉ । ଅତଏବ ଦେଖୁ ଦେଖୁ ହମ୍‌ରାଉଲ୍ ଅସଦ୍‌ର ଭୂମିରେ ୫୦୦ ମଶାଲ ପ୍ରଜ୍ୱଳିତ ହୋଇଗଲା । ଏହି ମଶାଲଗୁଡ଼ିକୁ ଦୂରରୁ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ଭୟଭୀତ କରି ଦେଉଥିଲା । ସମ୍ଭବତଃ ଉକ୍ତ ଅବସରରେ ଖଜାଅ ସଂପ୍ରଦାୟର ମାଆବଦ୍ ନାମକ ଏକ ଅବିଶ୍ୱାସକାରୀ ଅଧିପତି ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଆଁହଜରତ ସ.ଅଙ୍କ ସହିତ ୱହୋଦ୍ ଯୁଦ୍ଧରେ ଶହୀଦ୍ ହୋଇଥିବା ସାହାବାମାନଙ୍କ ପ୍ରତି ସମବେଦନା ଜଣାଇଲା । ଦ୍ୱିତୀୟ ଦିନ ସେ ଯେତେବେଳେ ରୌହା ନାମକ ସ୍ଥାନରେ

ପହଞ୍ଚିଲା ସେତେବେଳେ ମାଆବଦ୍ ଶୀଘ୍ର ଅବୁ ସୁଫିୟାନ୍ ନିକଟରେ ପହଞ୍ଚିଗଲା ଏବଂ ତାକୁ ମୁସଲମାନମାନଙ୍କର ଉଚ୍ଚ ଅଭିଳାଷ ସଂପର୍କରେ ଅବଗତ କଲା । ଅବୁ ସୁଫିୟାନ ଓ ତାହାର ସାଥୀମାନଙ୍କ ଉପରେ ମାଆବଦ୍‌ର ଏହି କଥା ଏତେ ପ୍ରଭାବ ପକାଇଲା କି ସେ ଭୟଭୀତ ହୋଇ ପଡ଼ିଲା ଏବଂ ମଦିନା ଆଡ଼କୁ ଫେରିବାର ଉଦ୍ଦେଶ୍ୟକୁ ପରିତ୍ୟାଗ କରିଦେଇ ଶୀଘ୍ର ସେମାନେ ମକ୍କା ଅଭିମୁଖେ  ବାହାରି ପଡ଼ିଲେ ।

ବନୁ ମୁସ୍ତଲିକ୍ ଯୁଦ୍ଧ ଶାବାନ୍ ମାସ ୫ ହିଜ୍‌ରୀରେ ହୋଇଥିଲା । ହ. ମିର୍ଜା ବଶୀର୍ ଅହେମଦ୍ ର.ଅ ଉକ୍ତ ଯୁଦ୍ଧର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି: କିନ୍ତୁ ବର୍ତ୍ତମାନ ସେମାନଙ୍କର ଶତ୍ରୁତା ଏକ ଭୟଙ୍କର ରୂପ ଧାରଣ କରି ମୁସଲମାନମାନଙ୍କ ବିରୁଦ୍ଧରେ ଛିଡ଼ା ହୋଇଯାଇଥିଲା । ଉକ୍ତ ପ୍ରସଙ୍ଗରେ ଆଗୁଆ ପଦକ୍ଷପ ଗ୍ରହଣକାରୀ ବିଖ୍ୟାତ ସଂପ୍ରଦାୟ ବନୁ ଖଜାଅ ଥିଲା ଯାହାଙ୍କ ଶାଖା ବନୁ ମୁସ୍ତଲିକ୍ ମଦିନା ବିରୁଦ୍ଧରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା । ଆଁହଜ୍ରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣାର ସୂଚନା ମିଳିଲା ସେତେବେଳେ ଅନେକ ସାହାବାମାନେ କେବଳ ଆଁହଜରତ ସ.ଅଙ୍କ ସହିତ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ତାହା ନୁହଁ । ବରଂ ଏକ ବିଶାଳ କପଟବିଶ୍ୱାସୀ ଗୋଷ୍ଠୀ ଯେଉଁମାନେ ପୂର୍ବରୁ କେବେହେଲେ କୌଣସି ଯୁଦ୍ଧରେ ସାମିଲ୍ ହୋଇ ନଥିଲେ, ସେମାନେ ମଧ୍ୟ ଆଁହଜରତ ସ.ଅଙ୍କ ସାଥିରେ ସାମିଲ୍ ହୋଇଗଲେ । ବାଟରେ ମୁସଲମାନମାନଙ୍କୁ ଅବିଶ୍ୱାସକାରୀଙ୍କ ଏକ ଗୁପ୍ତଚର ମିଳିଗଲା ଯାହାକୁ ମୁସଲମାନମାନେ ଧରି ଆଁହଜ୍ରତ ସ.ଅଙ୍କ ସେବାରେ ଉପସ୍ଥିତ କଲେ । ତାହାକୁ ଅବିଶ୍ୱାସକାରୀଙ୍କ ଯୋଜନା ଏବଂ ଗତିବିଧି ସଂପର୍କରେ ପଚାରିବାରୁ ସେ କିଛି କହିବାକୁ ସ୍ପଷ୍ଟ ଅସ୍ୱୀକାର କରିଦେଲା । ତେଣୁ ସେତେବେଳର ପ୍ରଚଳିତ ଯୁଦ୍ଧ ନିୟମାନୁଯାୟୀ ହ. ଉମର୍ ର.ଅ ତାକୁ ବଧ କରିଦେଲେ । ବନୁ ମୁସ୍ତଲକ୍‌କୁ ଯେତେବେଳେ ମୁସଲମାନମାନଙ୍କ ଆଗମନର ସୂଚନା ପ୍ରାପ୍ତ ହେଲା ଯେ, ସେମାନଙ୍କ ଗୁପ୍ତଚର ନିହତ ହୋଇଛି, ସେମାନେ ସେତେବେଳେ ଭୟଭୀତ ହୋଇପଡ଼ିଲେ । କାରଣ ସେମାନଙ୍କର ପ୍ରକୃତ ଅଭିପ୍ରାୟ ଏହା ରହିଥିଲା ଯେ, କୌଣସି ପ୍ରକାର ହଠାତ୍ ମଦିନା ଉପରେ ଆକ୍ରମଣ କରିବାର ସୁଯୋଗ ପ୍ରାପ୍ତ ହୋଇଯାଉ । କିନ୍ତୁ ସ୍ୱୟଂ ବନୁ ମୁସ୍ତଲକ୍‌ଙ୍କୁ କୁରୈଶ୍‌ର ମୁସଲମାନମାନେ ଶତ୍ରୁତାର ଏପରି ମଦିରା ପାନ କରାଇ ଦେଇଥିଲେ ଯେ, ସେମାନେ ଯୁଦ୍ଧର ଇଚ୍ଛାକୁ ପରିତ୍ୟାଗ କରି ପାରିଲେ ନାହିଁ । ଯୁଦ୍ଧ ଶତ୍ରୁପକ୍ଷ ହିଁ  ଆରମ୍ଭ କରି ଦେଇଥିଲା । ଏହାପରେ ଆଁହଜରତ ସ.ଅ ସାହାବାମାନଙ୍କୁ ଅକସ୍ମାତ୍ ଆକ୍ରମଣ କରିବା ପାଇଁ ଆଦେଶ ଦେଲେ । ଏହି ହଠାତ୍ ଆକ୍ରମଣ ଫଳରେ ଅବିଶ୍ୱାସକାରୀଙ୍କ ପାଦ ଉପୁଡ଼ି ଗଲା ଅର୍ଥାତ ଆଉ ତିଷ୍ଠି ରହିପାରିଲା ନାହିଁ । କିନ୍ତୁ ମୁସଲମାନମାନେ ଏହିପରି ଚତୁରତାର ତଥା ସତର୍କତାର ସହିତ ସେମାନଙ୍କୁ ଘେରିଲେ ଯେ, ସମଗ୍ର ଶତ୍ରୁପକ୍ଷ ଅବରୁଦ୍ଧ ହୋଇ ପରିଶେଷରେ ଅସ୍ତ୍ର ବିରତ କରି ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଗଲା । ଭୟଙ୍କର ରୂପ ଧାରଣ କରିଥିବା ଯୁଦ୍ଧରେ କେବଳ ୧୦ ଅବିଶ୍ୱାସକାରୀ ନିହତ ହେବା ଏବଂ ଜଣେ ମୁସଲମାନ ଶହୀଦ୍ ହେବା ପରେ ଯୁଦ୍ଧର ପରିସମାପ୍ତି ଘଟିଥିଲା ।

ବନୁ ମୁସ୍ତଲକ୍ ଯୁଦ୍ଧରେ । ପ୍ରବାସକାରୀଙ୍କ ମଧ୍ୟରୁ କୌଣସି ଜଣେ ଲୋକ ଅନ୍‌ସାରର ଜଣେ ବ୍ୟକ୍ତିର ପିଠି ଉପରେ ମାଡ଼ ମାରିଲା । ଅନ୍‌ସାର୍ କହିଲେ ହେ ଅନ୍‌ସାର୍ ଏବଂ ପ୍ରବାସକାରୀ କହିଲେ ହେ ପ୍ରବାସକାରୀ, ଏପରି ଦୁଇ ଜାତି ନିଜ ନିଜ ସଂପ୍ରଦାୟର ସାହାଯ୍ୟ ଲୋଡ଼ିଲେ । ଯେତେବେଳେ ଉକ୍ତ ଘଟଣାଟି ଆଁହଜରତ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଲା ସେତେବେଳେ ଆଁହଜରତ ସ.ଅ କହିଲେ ଏହି ଅଶିକ୍ଷିତର ସ୍ୱର କିପରି ଅଟେ ? ଏହି କଥାଟି ଅଶ୍ଳୀଳ କଥା ଅଟେ, ଏପରି ବାଯ୍ୟ ଓ ନିରର୍ଥକ କଥା କୁହ ନାହିଁ । ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବେି ଏକଥା ଶୁଣିଲା, ସେ ମଧ୍ୟ ସେଠାରେ ଉପସ୍ଥିତ ଥିଲା ସେତେବେଳେ  ସେ କହିଲା ପ୍ରବାସକାରୀ ତ' ଅନ୍‌ସାର୍‌ଙ୍କୁ ମାଡ଼ ମାରିଲେ କିନ୍ତୁ ଆମେ ମଦିନା ଫେରିଲେ ନିଶ୍ଚିତ ରୂପେ ସେଠାକାର ସମ୍ମାନିତ ବ୍ୟକ୍ତି ସଠାରେ ରହୁଥିବା ନୀଚ ଲୋକଙ୍କୁ **ନାଉଜୁ ବିଲ୍ଲାଃ** (ଅଲ୍ଲାଃତାଲାଙ୍କ ଶରଣଭିକ୍ଷା କରୁଛି) ବିତାଡ଼ିତ କରିଦେବେ । ହ. ଉମର୍ ର.ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଆପଣ ସ.ଅ ଅନୁମତି ପ୍ରଦାନ କରନ୍ତୁ ମୁଁ ତାହାର ସ୍କନ୍ଧଚ୍ୟୁତ କରିଦେବି । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ ହଉ ଛାଡ଼ ସେ କଥା। ପରବର୍ତ୍ତୀ ସମୟରେ ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର କପଟତା ଏବଂ ଇସ୍‌ଲାମ୍ ପ୍ରତି ଥିବା ଶତ୍ରୁତାର ପରଦା ହଟିଗଲା ସେତେବେଳେ ଆପଣ ସ.ଅ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ କହିଲେ ଯେ, ହେ ଉମର୍ !

ଯେଉଁଦିନ ତୁମେ ମୋତେ ଏହି ବ୍ୟକ୍ତିକୁ ବଧ କରିବା ପାଇଁ କହିଥିଲ ଏବଂ ଅନୁମତି ଲୋଡ଼ିଥିଲ ଯେ, ମୁଁ ତା'ର ବନ୍ଧ କରିଦେବି । ମୁଁ ଯଦି ତୁମକୁ ଏଥି ନିମନ୍ତେ ଅନୁମତି ପ୍ରଦାନ କରି ଦେଇଥାଆନ୍ତି ତାହାହେଲେ ଏହି ଲୋକମାନେ ହିଁ ମୋତେ ମୁହଁ, ନାକ ମୋଡ଼ିଥାନ୍ତେ । କିନ୍ତୁ ମୁଁ ଯଦି ବର୍ତ୍ତମାନ ସେହି ଲୋକଙ୍କୁ ତାହାର ବଧ କରିବା ପାଇଁ ଆଦେଶ ଦିଏ ତେବେ ସେମାନେ ତାହାକୁ ବଧ କରିଦେବେ ।

ଅବିଶ୍ୱାସକାରୀଙ୍କ ଅଧିପତି ଅବ୍‌ଦୁଲ୍ଲା ବିନ୍ ଉବୈ' ବିନ୍ ସୁଲୁଲ୍‌ର ନମାଜ ଯନାଜାଃ ଯେତେବେଳେ ଆଁହଜ଼ରତ ସ.ଅ ପଢିବାକୁ ବାହାରିଲେ ସେତେବେଳେ ହ. ଉମର୍ ର.ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଆପଣଙ୍କୁ କପଟବିଶ୍ୱାସୀଙ୍କର ନମାଜ ଯନାଜାଃ ପଢିବାକୁ ବାରଣ କରିଛନ୍ତି । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ ଯେ, ମୋତେ ଅଲ୍ଲାଃତାଲା କପଟବିଶ୍ୱାସୀଙ୍କର  ଯନାଜାଃ ପଢିବା ଏବଂ ନପଢିବା ସଂପର୍କରେ ସ୍ୱାଧୀନତା ପ୍ରଦାନ କରିଛନ୍ତି । ମୁଁ ତାଙ୍କ ପାଇଁ କ୍ଷମା ଯାଚନା କରିପାରେ ବା ନ କରିପାରେ । ଅତଏବ ରସୁଲୁଲ୍ଲାଃ ସ.ଅ ତାହାର ନମାଜ ଯନାଜାଃ ପଢେଇଥିଲେ । ପୁନଶ୍ଚ ଅଲ୍ଲାଃତାଲା ଯେତେବଳେ ଏପରି ବ୍ୟକ୍ତିମାନଙ୍କର ନମାଜ ଯନାଜାଃ ନପଢିବା ପାଇଁ ସଂପୂର୍ଣ୍ଣ ରୂପେ ବାରଣ କରିଦେଲେ ସେତେବେଳେ ଆଁହଜରତ ସ.ଅ କପଟବିଶ୍ୱାସୀଙ୍କର ନମାଜ ଯନାଜାଃ ପଢେଇବା ମଧ ବନ୍ଦ କରି ଦେଇଥିଲେ ।

ସୁଲାହ୍ ହୁଦୈବିୟା (ହୁଦୈବିୟା ସନ୍ଧି) ସଂପର୍କରେ ହ. ଉମର୍ ର.ଅଙ୍କ ଭୂମିକା ସଂପର୍କରେ ଯାହା ଉଲ୍ଲେଖ କରାଯାଇଛି ତାହା ଏହିପରି ଅଟେ ଯେ, ରସୁଲୁଲ୍ଲାଃ ସ.ଅ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ଡ଼କାଇ ପଠାଇଲେ । କାରଣ ଆପଣ ସ.ଅ କୁରେଶ୍‌ର ଗଣମାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନିକଟରେ ନିଜର ବାର୍ତ୍ତା ପହଞ୍ଚାଇବା ପାଇଁ ଚାହୁଁଥିଲେ । ହ. ଉମର୍ ର.ଅ ଅଧିକନ୍ତୁ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣଙ୍କୁ ଏଭଳି ଏକ ବ୍ୟକ୍ତି ସଂପର୍କରେ କହୁଛି ଯିଏ କୁରେଶ୍‌ଙ୍କ ଗହଣରେ ମୋ ଠାରୁ ବି ଅଧିକ ଗୌରବଶାଳୀ ଓ ସମ୍ମାନିତ ଅଟନ୍ତି (ଅର୍ଥାତ୍ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ)। ଅତଏବ ହୁଜୁର ସ.ଅ ହ. ଉମର୍ ର.ଅଙ୍କ ପ୍ରସ୍ତାବକୁ ଗ୍ରହଣ କଲେ ଏବଂ ହ. ଉସମାନ୍ ର.ଅଙ୍କୁ ଡ଼କାଇଲେ, ତାଙ୍କୁ ଅବୁ ସୁଫିୟାନ୍ ଓ ଅନ୍ୟ ସମ୍ମାନିତ କୁରୈଶ୍‌ମାନଙ୍କ ନିକଟକୁ ପ୍ରେରଣ କଲେ । ଯେତେବେଳେ ସୁଲାହ୍ ହୁଦୈବିୟାର ସର୍ତ୍ତଗୁଡ଼ିକ ଉଲ୍ଲିଖିତ ହେଉଥିଲା ସେତେବେଳେ ସେହି ସମୟରେ ମକ୍କାର କୁରୈଶ୍‌ମାନଙ୍କ ରାଜଦୂତ ସୁହୈଲ୍ ବିନ୍ ଉମ୍ରୋଙ୍କ ସୁପୁତ୍ର ଅବୁ ଜନ୍ଦଲ୍ ଶିକୁଳି ଏବଂ ହାତକଡ଼ିରେ କବଳିତ ଥିଲା, ଉକ୍ତ ମଜ୍‌ଲିସରେ ଦୟନୀୟ ତଥା ଜୀର୍ଣ୍ଣକାୟ ଅବସ୍ଥାରେ ଆସି ପହଞ୍ଚିଲା । ଯେତେବେଳେ ତା'ର ପିତା ଉକ୍ତ ଚୁକ୍ତିର ସର୍ତ୍ତାବଳୀଗୁଡିକୁ ଲେଖାଇ ନେଉଥିଲା ଯେ, ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ମକ୍କାବାସୀଙ୍କ ମଧ୍ୟରୁ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଛନ୍ତି ସେମାନଙ୍କୁ କୁରୈଶ୍‌ମାନଙ୍କୁ ହସ୍ତାନ୍ତର କରିଦିଆଯାଉ। ଆଁହଜରତ ସ.ଅ କହିଲେ ବର୍ତ୍ତମାନ ଚୁକ୍ତିର ଅବଧି ପୂରି ନାହିଁ । ବର୍ତ୍ତମାନ ତ' କେବଳ କଥାବାର୍ତ୍ତା ଚାଲିଛି, ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନାହିଁ । ସୁହୈଲ୍ କହିଲା ଯଦି ଆପଣ ଅବୁ ଜନ୍ଦଲ୍‌କୁ ହସ୍ତାନ୍ତର ନକରନ୍ତି ତେବେ ଉକ୍ତ ଚୁକ୍ତିକୁ କାର୍ଯ୍ୟକାରୀ କରାଇବା ସମାପ୍ତ ବୋଲି ଜାଣନ୍ତୁ । ଆଁହଜରତ ସ.ଅ କହିଲେ ହଉ ଛାଡ଼ ଆସ ପ୍ରସଙ୍ଗକୁ ଯିବା ଏବଂ ଉପକାର ତଥା ଦୟାପୂର୍ବକ ଅବୁ ଜନ୍ଦଲ୍‌ଙ୍କୁ ଆମକୁ ଦେଇଦିଅ । ସୁହୈଲ୍ କହିଲା ନା ନା ଏହା କଦାପି ସମ୍ଭବ ହୋଇପାରିବ ନାହିଁ । ଆଁହଜରତ ସ.ଅ କିଛି ସମୟ ନୀରବ ରହି ଅବୁ ଜୁନ୍ଦଲ୍‌ଙ୍କୁ ସହାନୁଭୂତିକ ଶବ୍ଦରେ କହିଲେ: ହେ ଅବୁ ଜନ୍ଦଲ୍ ! ଧୈର୍ଯ୍ୟ ଧର ଏବଂ ଅଲ୍ଲାଃତାଲାଙ୍କ ଆଡ଼କୁ ଦୃଷ୍ଟି ରଖିଥା ! ଈଶ୍ୱର ତୁମ ଓ ତୁମ ସହିତ ଅନ୍ୟ ଦୁର୍ବଳ ମୁସଲମାନମାନଙ୍କ ପାଇଁ ଅବଶ୍ୟ ସ୍ୱୟଂ କୌଣସି ନା କୌଣସି ମାର୍ଗ ଉନ୍ମୁକ୍ତ କରିଦେବେ । ମୁସଲମାନମାନେ ଏହି ଦୃଶ୍ୟକୁ ଦେଖୁଥିଲେ ଏବଂ ଧାର୍ମିକ ସ୍ୱାଭିମାନ ଯୋଗୁଁ ସେମାନଙ୍କ ଆଖି ରକ୍ତ ରଞ୍ଜିତ ହୋଇ ଉଠିଥିଲା । କିନ୍ତୁ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ସେମାନେ ତ୍ରସ୍ତ ଏବଂ ନୀରବ ଥିଲେ । ପରିଶେଷରେ ହ. ଉମର୍ ର.ଅ ଆଉ ସହି ନପାରି ଆଁହଜରତ ସ.ଅଙ୍କ ନିକଟକୁ ଆସିଲେ ଏବଂ କୋହଭରା କଣ୍ଠରେ କହିଲେ ଆପଣ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ନାହାନ୍ତି କି? କ'ଣ ଆମେମାନେ ସତ୍ୟ ଉପରେ ନାହୁଁ ? ଏବଂ ଆମମାନଙ୍କର ଶତ୍ରୁ ଅସତ୍ୟ ଉପରେ ନାହାନ୍ତି କି ? ଆଁହଜରତ ସ.ଅ କହିଲେ ହଁ ଅବଶ୍ୟ ଏହିପରି ହିଁ ଅଟେ । ହ. ଉମର୍ ର.ଅ କହିଲେ ତାହାହେଲେ ଆମେମାନେ ନିଜର ସତ୍ୟ ଧର୍ମ ପ୍ରସଙ୍ଗରେ ଏଭଳି ତରିସ୍କାର କାହିଁକି ସହ୍ୟ କରିବୁ ? ଆଁହଜରତ ସ.ଅ ହ. ଉମର୍ ର.ଅଙ୍କ ଏହି ଅବସ୍ଥାକୁ ଦେଖି ସଂକ୍ଷିପ୍ତ ଶବ୍ଦରେ କହିଲେ ଦେଖ ଉମର୍ ! ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଏବଂ ମୁଁ ପ୍ରଭୁଙ୍କ ଅଭିପ୍ରାୟ ସଂପର୍କରେ ଜାଣେ ତଥା ଏହା

ବିରୁଦ୍ଧରେ ଯାଇ ପାରିବି ନାହିଁ । ହ. ଅବୁ ବକ୍କର ର.ଅ ମଧ୍ୟ ଏହି ପ୍ରକାରର ଉତ୍ତର ଦେଲେ, କିନ୍ତୁ ତତ୍‌ସହିତ ହ. ଅବୁ ବକ୍କର୍ ର.ଅ ଉପଦେଶ ଛଳରେ କହିଲେ: ଦେଖ ! ଉମର୍ ତୁମେ ଟିକିଏ ସମ୍ଭାଳି ରୁହ (ଧୈର୍ଯ୍ୟ ରଖ) ଏବଂ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅର୍ଥାତ ତୁମେ ଆଁହଜରତ ସ.ଅଙ୍କ ପାତ୍ରରେ ଯେଉଁ ହସ୍ତ ରଖିଚ ତାହାକୁ ତୁମେ ଢିଲା ହେବାକୁ ଦିଅ ନାହିଁ । ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ନିଜର ଖିଲାଫତ୍ ପୂର୍ବରୁ ଜଲ୍‌ସା ସାଲାନାରେ ଏକ ଭାଷଣ ଦେଇଥିଲେ । ଖଲିଫା ରାବେ କହନ୍ତି ଯେ, ତହିଁରେ କୌଣସି ସନ୍ଦେହ ନାହିଁ ଯେ, ବ୍ୟଥା ଏବଂ ଯନ୍ତ୍ରଣାରେ ସେହି ଚିତ୍କାର ଯାହା ପ୍ରଶ୍ନ ହୋଇ ହ. ଉମର୍ ର.ଅଙ୍କ ମନରୁ ବାହାରିଥିଲା, ସେହି ଶବ୍ଦ ଅନ୍ୟ ଅନେକ ଲୋକମାନଙ୍କ ହୃଦୟରେ ମଧ୍ୟ ହ୍ରାସ ପାଇଥିଲା । ହ. ଉମର ର.ଅଙ୍କ ଦ୍ୱାରା ଏଭଳି ଏକ ତ୍ରୁଟି ହୋଇଗଲା ଯେ, ଏହାପରେ ସେ ସାରା ଜୀବନ ଉକ୍ତ କଥା ପାଇଁ ଅନୁତପ୍ତ ହେଲେ । ସେ ଅନେକ ରୋଜା ରଖିଲେ, ଉପାସନା କଲେ, ଦାନ ଦକ୍ଷିଣା କଲେ, କ୍ଷମା ଯାଚନା କଲେ ଏବଂ ସଜ୍‌ଦା ସ୍ଥାନକୁ ଲୁହ ଦ୍ୱାରା ଭିଜାଇ ଦେଲେ । କିନ୍ତୁ ତାଙ୍କ ଅନୁତାପର ଶୋଷ ମେଣ୍ଟିଲା ନାହିଁ । ଉମର୍ ସର୍ବଦା ଉତ୍କଣ୍ଠିତ ସ୍ୱରରେ ଏହା ହିଁ କହୁଥିଲେ ଯେ, ଏପରି ହୋଇଥାନ୍ତା କି ମୁଁ ଆଁହଜରତ ସ.ଅଙ୍କୁ ସେହି ପ୍ରଶ୍ନ ପଚାରି ନଥାଆନ୍ତି।

ସୁଲାହ୍ ହୁଦୈବିୟା ଅବସରରେ ମୁସଲମାନ ଓ ମକ୍କାର କୁରେଶ୍‌ମାନଙ୍କ ମଧ୍ୟରେ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଉକ୍ତ ଚୁକ୍ତି ଉପରେ ହ. ଉମର୍ ର.ଅଙ୍କର ମଧ୍ୟ ସ୍ୱାକ୍ଷର ଥିଲା । ଆଁହଜରତ ସ.ଅ ହୁଦୈବିୟାରୁ ଫେରିବା ପରେ ଅସ୍‌ଫାନ ଠାରେ ସାହାବାମାନଙ୍କୁ ଏକତ୍ରିତ କରି ଏହି ଘୋଷଣା କଲେ ଯେ, ଆଜି ରାତିରେ ମୋ ଉପରେ ଏକ ସୁରତ୍ ଅବତୀର୍ଣ୍ଣ ହୋଇଛି ଏବଂ ତାହା ମୋତେ ସମସ୍ତ ସାଂସାରିକ ବସ୍ତୁ ତୁଳନାରେ ଅଧିକ ପ୍ରିୟ ଅଟେ । ଅର୍ଥାତ ସୁରା ଫତହ୍ ସଂପର୍କରେ । ଯେତେବେଳେ ଆପଣ ସ.ଅ ଏହି ଆୟତ୍‌ଗୁଡ଼ିକୁ ନିଜ ସାହାବାମାନଙ୍କୁ ଶୁଣାଇଲେ ସେତେବେଳେ କେତେକ ସାହାବାମାନଙ୍କ ମନରେ ବର୍ତ୍ତମାନ ସୁଦ୍ଧା ସୁଲାହ୍ ହୁଦୈବିୟାର କଟୁତା ଅବଶେଷ ରହିଥିଲା । ସେମାନେ ଆଶ୍ଚର୍ଯ୍ୟ ଚକିତ ହେଲେ ଯେ, ପ୍ରକାଶ୍ୟ ଭାବରେ କହିବାକୁ ଗଲେ ଆମେମାନେ ତ' ଅକୃତକାର୍ଯ୍ୟ ହୋଇ ଫେରୁଛେ ଅଥଚ ଅଲ୍ଲାଃତାଲା ଆମମାନଙ୍କୁ ବିଜୟର ଶୁଭେଚ୍ଛା ଦେଉଛନ୍ତି ! ଏପର୍ଯ୍ୟନ୍ତ କି କେତେକ ସାହାବାମାନେ ଶୀଘ୍ର ଏହି ପ୍ରକାରର ଶବ୍ଦ ମଧ୍ୟ କହିଲେ ଯେ, କ'ଣ ଏହା ବିଜୟ ଅଟେ ? ପ୍ରକୃତରେ ସୁଲାହ୍ ହୁଦୈବିୟା ଆମମାନଙ୍କ ପାଇଁ ଏକ ସବୁଠୁ ବଡ଼ ବିଜୟ ଅଟେ । ହ.ଉମର୍ ର.ଅଙ୍କ ସଂପର୍କିତ ଚର୍ଚ୍ଚା ବର୍ତ୍ତମାନ ଅବ୍ୟାହତ ରହିଛି । **ଇନ୍‌ଶାଅଲ୍ଲାଃ** ଏହାର ଅବଶିଷ୍ଟାଂଶ ଆଗାମୀ ଖୁତ୍‌ବାରେ ଆଲୋଚନା ହେବ ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କ ସଂପର୍କରେ ଚର୍ଚ୍ଚା କରିବି ଯେଉଁ ମୃତକମାନଙ୍କର ବିଗତ ଦିନରେ ମୃତ୍ୟୁ ହୋଇଥିଲା ଏବଂ ସେମାନଙ୍କ ନମାଜ ଯନାଜାଃ ନମାଜ ଜୁମା ପରେ ପାଠ କରାଇବି । ଅତଏବ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ମଲକ୍ ମୁହମ୍ମଦ୍ ୟୁସୁଫ୍ ସଲିମ୍ ସାହେବ । ସେ ଜୁଦ୍ ଓ ନୱିସି (ଶୀଘ୍ର ଶୀଘ୍ର ଲିଖନକାର) ବିଭାଗର ଇନ୍‌ଚାର୍ଜ ଥିଲେ । ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ **ସମ୍ମାନନୀୟ ଶୁଏବ୍ ଅହେମଦ ସାହେବ ୱାକ୍‌ଫେ ଜିନ୍ଦିଗୀଙ୍କର ।** ସେ ସ୍ୱର୍ଗତ ବଶୀର୍ ଅହେମଦ ସାହେବ କାଲା ଆଫ୍‌ଗାନ ଦର୍‌ୱେଶ୍‌ଙ୍କ ସୁପୁତ୍ର ଥିଲେ । ୫୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନ ଇଲୈହି ରାଜିଉନ୍** । ସଦର୍ ଅଞ୍ଜୁମନ୍ ଅହେମଦିୟାର ବିଭିନ୍ନ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବରେ ଏବଂ ଅଫିସର୍ ଓ ନାଜିର ଖିଦମତ୍ ମଧ୍ୟ ଥିଲେ । ସେ ଓଡ଼ିଆ କାର୍ଯ୍ୟାଳୟର ଇନ୍‌ଚାର୍ଜ ମଧ୍ୟ ଥିଲେ, ନାଜିର ବୈତୁଲ୍ ମାଲ୍ ଖର୍ଚ୍ଚ, ନାଜିମ୍ ୱକ୍‌ଫେ ଜଦିଦ୍ ମାଲ୍, ଅଫିସର୍ ଜଲ୍‌ସା ସାଲାନା, ସଦର୍ ଖୁଦାମୁଲ୍ ଅହେମଦିୟା ଭାରତରେ ବିଭିନ୍ନ ପଦବୀରେ ସେ ସେବା କରିଥିଲେ। ଅତଏବ ତାଙ୍କର ମୋଟ ସେବାର ଅବଧି ହେଉଛି ୩୩ ବର୍ଷରୁ କିଞ୍ଚିତ ଊର୍ଦ୍ଧ୍ୱ । ଉପାସନା ପ୍ରତି ତାଙ୍କର ଗଭୀର ଧ୍ୟାନ ରହୁଥିଲା, ନମାଜ ତେହଜ୍ଜୁଦ, ନୱାଫିଲ୍ ଆଦି ନିୟମିତ ଭାବରେ ପାଠ କରୁଥିଲେ । ଖିଲାଫତ୍‌ର ସର୍ବୋଚ୍ଚ ସ୍ତର ସେ ସ୍ଥାପନ କରିଥିଲେ । ପବିତ୍ର କୁରଆନ୍‌ର ଗଭୀର ଜ୍ଞାନ ତାଙ୍କ ନିକଟରେ ଥିଲା । ହ. ମସିହ୍ ମଉଦ ଅ.ସ ଓ ଖୋଲଫାଏ ସିଲ୍‌ସିଲାଙ୍କ ପୁସ୍ତକର ମଧ୍ୟ ଗଭୀର ଅଧ୍ୟୟନ କରୁଥିଲେ । ତାଙ୍କର ପ୍ରଶସ୍ତ ଧାର୍ମିକ ଜ୍ଞାନ ଥିଲା, ପ୍ରତ୍ୟେକ ବିଷୟରେ ଭାଷଣ ଦେବା ତାଙ୍କର ଏକ ସହଜାତ କଳା ଥିଲା। ସେ ଅତ୍ୟନ୍ତ ପ୍ରସନ୍ନ ଚିତ୍ତ, ଉତ୍ତମ ଚରିତ୍ରବତ୍ତା, ମେଳାପି ପ୍ରିୟ ବ୍ୟକ୍ତି ଥିଲେ । ସେ ପ୍ରତ୍ୟେକ ସ୍ତରର ଲୋକମାନଙ୍କୁ ପ୍ରେମ କରୁଥିଲେ ଏବଂ ଏହିପରି ତାଙ୍କର ଅସ୍ତିତ୍ୱ ଥିଲା । ଅଭାବି ଓ ଅସହାୟଙ୍କୁ ସେ ସାହାଯ୍ୟ କରୁଥିଲେ ଏବଂ

ସେମାନଙ୍କର ସଂପୂର୍ଣ୍ଣ ଯତ୍ନ ନେଉଥିଲେ । କାଦିୟାନର ପ୍ରତ୍ୟେକ ବ୍ୟକ୍ତି ତାଙ୍କର ପ୍ରଶଂସା କରୁଛନ୍ତି । ସେ ସତ୍‌ସାହାସୀ ଏବଂ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତ ଶୋଏବ୍ ସାହେବ ୱସିୟତ୍ ମଧ୍ୟ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ଦୁଇ ପୁତ୍ର ମଧ୍ୟ ଅଛନ୍ତି । ସେ ସଦର୍ ଅଞ୍ଜୁମନ୍ ଅହେମଦିୟାର ଗଣମାନ୍ୟ ବ୍ୟକ୍ତି ସମ୍ମାନନୀୟ ଜଲାଲୁଦ୍ଦୀନ୍ ନଇୟେର୍ ସାହେବଙ୍କ ଜ୍ୱାଇଁ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରି ସେମାନଙ୍କୁ ସ୍ୱର୍ଗତଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**ତୃତୀୟ** ଯନାଜାଃ ହେଉଛି କାଦିୟାନ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ **ମକ୍‌ସୁଦ୍ ଅହେମଦ ସାହେବ ଭଟ୍ଟିଙ୍କର** । ୫୨ ବର୍ଷ ବୟସରେ ତାଙ୍କର ପରଲୋକ ହୋଇ ଯାଇଛି । **ଇନ୍ନା ଲିଲ୍ଲାଃହି ଓ ଇନ୍ନ ଇଲୈହି ରାଜିଉନ୍ ।** ସ୍ୱର୍ଗତ ଜମାଅତ୍ ଅହେମଦିୟା ଜାମ୍ମୁ କାଶ୍ମୀର ପ୍ରଦେଶସ୍ଥ ରାଜୋରୀ ଜିଲ୍ଲା ଅନ୍ତର୍ଗତ ଚାର୍‌କୋର୍ ଅଞ୍ଚଳର ନିବାସୀ ଥିଲେ। ସେ ୩୦ ବର୍ଷ ପର୍ଯ୍ୟନ୍ତ ଜମାଅତ୍‌ର ସେବା କରିଥିଲେ । ସେ ଲକ୍ଷ୍ନୌ ଜିଲ୍ଲାର ଅମୀର୍ ଥିଲେ ଏବଂ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଶ୍ରୀନଗର୍‌ର ମୁବଲ୍ଲିଗ୍ ଇନ୍‌ଚାର୍ଜ ଭାବରେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିବାର ସାମର୍ଥ୍ୟ ଲାଭ କରିଥିଲେ । ୨୦୧୭ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ଫୁଲ୍ ଟାଇମ୍ ରୂପେ ମର୍କଜୀ (କେନ୍ଦ୍ରୀୟ) କାଜି (ବିଚାରକ) ରୂପେ ସେବା କରିବାକୁ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା । କଜା କାର୍ଯ୍ୟାଳୟରେ ମଧ୍ୟ ଅତ୍ୟନ୍ତ ତତ୍ପରତା ଓ ନିଷ୍ଠାର ସହକାରେ ନିଜର ଦାୟିତ୍ୱ ତଥା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରୁଥିଲେ । ୧୨ରୁ ଉର୍ଦ୍ଧ୍ୱ ମକଦ୍ଦମା ଓ ମାମଲାର ସେ ଶୁଣାଣି କରିଛନ୍ତି । ନିଜ ଅଧୀନର ହୋଇଥିବା କାର୍ଯ୍ୟ ପ୍ରତି ସେ ସର୍ବଦା କେବଳ ଚିନ୍ତିତ ରହୁଥିଲେ ତାହା ନୁହଁ ବରଂ ବିଗତ ଦିନରେ ଯେତେବେଳେ ସେ କରୋନା ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡ଼ିଲେ ସେତେବେଳେ ମଧ୍ୟ ସେ ଚକିତ୍ସାଳୟରେ ନିଜ କାର୍ଯ୍ୟ ପ୍ରତି ଚିନ୍ତିତ ରହୁଥିଲେ । ଅତ୍ୟନ୍ତ ମେଳାପୀ ସ୍ୱଭାବ, ସାହସୀ ବ୍ୟକ୍ତି, ପ୍ରସଙ୍ଗକୁ ହୃଦ୍‌ବୋଧ କରୁଥିବା ବ୍ୟକ୍ତି ଏବଂ ତତ୍ପର ୱାକ୍‌ଫେ ଜିନ୍ଦେଗୀ ଥିଲେ । ସ୍ୱର୍ଗତ ମକ୍‌ସୁଦ୍ ସାହେବ ୱସିୟତ୍ ମଧ୍ୟ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ମାତା ଏବଂ ତିନି ଭାଇଙ୍କ ବ୍ୟତୀତ ତିନି କନ୍ୟା ସନ୍ତାନ ମଧ୍ୟ ସାମିଲ୍ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କ କନ୍ୟାଙ୍କର ମଧ୍ୟ ସୁରକ୍ଷା କରନ୍ତୁ ଏବଂ ସ୍ୱର୍ଗତଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ମଧ୍ୟ ତାଙ୍କର ସନ୍ତାନ ସନ୍ତତିଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ଉପରୋକ୍ତ ମୃତକମାନଙ୍କ ବ୍ୟତୀତ ହଜୁର ଅନୱର ଅ.ବ ନିମ୍ନଲିଖିତ ମୃତକମାନଙ୍କର ଉତ୍ତମ ଜୀବନୀ ଚର୍ଚ୍ଚା କଲେ ଏବଂ ନମାଜ଼ ଯନାଜଃ ଗାଏବ ପଢାଇବାର ଘୋଷଣା ମଧ୍ୟ କଲେ । ଅତଏବ ସେହି ମୃତକମାନେ ହେଲେ; ସମ୍ମାନନୀୟ ସ୍ୱର୍ଗତ ଜାୱେଦ୍ ଇକ୍‌ବାଲ୍ ସାହେବ ଅଫ୍ ଫୈସ୍‌ଲାବାଦ୍‌ଙ୍କର । ସମ୍ମାନନୀୟା ସ୍ୱର୍ଗତା ମଦିହା ସାହେବାଙ୍କର। ସେ ଘାନାର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ନୱାଜ୍ ଅହେମଦ ସାହେବଙ୍କର ପତ୍ନୀ ଥିଲେ । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁରବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a

4th June 2021